*Quarterly News Letter*

# ସବୁଜ ଗିରି
# SABUJA GIRI

**KRISHI VIGYAN KENDRA, GAJAPATI**
**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**

ODISHA UNIVERSITY OF AGRICULTUR
& TECHNOLOGY, BHUBANESW
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେ
Indian Council of Agricultural Research, New De
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦି

ପଞ୍ଚଦଶ ବର୍ଷ    ସଂଖ୍ୟା-୦୩    ଅକ୍ଟୋବର-ଡିସେମ୍ବର ୨୦୧୯













## କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ତା. ୦୨.୧୦.୨୦୧୯ରିଖ -ରା. ଉଦୟଗିରିସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଗଜପତିର ଉଦ୍ୟମରେ ରା. ଉଦୟଗିରି ବ୍ଲକ୍‌ରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସରକାରୀ ଆଶ୍ରମ ବିଦ୍ୟାଳୟ, ସୁଣ୍ଡୁରବା, ସରକାରୀ ଉଚ୍ଚ ବିଦ୍ୟାଳୟ, ରା. ଉଦୟଗିରି, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରା. ଉଦୟଗିରି, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛେଳିଗଡ, ମହେନ୍ଦ୍ର ତନୟା କନିଷ୍ଠ ମହାବିଦ୍ୟାଳୟ ରା.ଉଦୟଗିରି, ଇନ୍ଦିରା ସ୍ମୃତି କନିଷ୍ଠ ମହାବିଦ୍ୟାଳୟ ଚାନ୍ଦିପୁଟର ଶତାଧିକ ଛାତ୍ରଛାତ୍ରୀ, ସ୍କାଉଟ୍ ଗାଇଡ୍, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ । ପୂର୍ବାହ୍ନ ଘଟିକା ୭ଟାରୁ ବିଭିନ୍ନ ବିଦ୍ୟାଳୟର




ଛାତ୍ରଛାତ୍ରୀ, ସ୍କାଉଟ୍-ଗାଇଡ୍, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ କର୍ମଚାରୀବୃନ୍ଦ, ପଞ୍ଚାୟତ କାର୍ଯ୍ୟାଳୟର କର୍ମଚାରୀବୃନ୍ଦ, ବ୍ଲକ ଉନ୍ନୟନ ଅଧିକାରୀ ଓ କର୍ମଚାରୀ ବୃନ୍ଦ, କ୍ଷୁଦ୍ର ଜଳସେଚନ ବିଭାଗର କର୍ମଚାରୀ ବୃନ୍ଦ, ଜିଲ୍ଲା କୃଷି ଅଧିକାରୀ ରା.ଉଦୟଗିରିର କର୍ମଚାରୀବୃନ୍ଦ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ଯୁବକ ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟବୃନ୍ଦ ସଚେତନତା ର୍‍ୟାଲିରେ ଯୋଗଦେଇ ରା. ଉଦୟଗିରି ବସ୍‌ଷ୍ଟାଣ୍ଡ, ମାର୍କେଟ୍, ହାଟପଦା ପରିସରରେ ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ଆବର୍ଜନାକୁ ସଫା କରିଥିଲେ । ଏହାର ଉପରାନ୍ତେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଛାତ୍ରଛାତ୍ରୀମାନଙ୍କୁ ଗତ ତା. ୦୧.୧୦.୨୦୧୯ରିଖରେ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ଆୟୋଜିତ ସଭାର ମୁଖ୍ୟ ଅତିଥି ଶ୍ରୀ ସ୍ମୃତି ରଞ୍ଜନ ଶତପଥୀ, ତହସିଲଦାର ରା.ଉଦୟଗିରି ପୁରସ୍କାର ବିତରଣ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ସଂଗ୍ରାମ ପରମଗୁରୁ ତଥା ଅନ୍ୟାନ୍ୟ ବୈଜ୍ଞାନିକ ଓ କର୍ମଚାରୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଏବଂ ପରିଚାଳନା କରିଥିଲେ ।

## ବିଶ୍ୱ ଖାଦ୍ୟ ଦିବସ ପାଳନ



ସମଗ୍ର ବିଶ୍ୱରେ ଅନାହାର ଜନିତ ମୃତ୍ୟୁ ସଂଖ୍ୟା ଧିରେ ଧିରେ ବଢିବାରେ ଲାଗିଥିବା ବେଳେ ବହୁ ସ୍ଥାନରେ ବହୁମାତ୍ରାରେ ଖାଦ୍ୟ ମଧ୍ୟ ନଷ୍ଟ କରାଯିବାର ଲକ୍ଷ୍ୟ କରାଯାଇଥାଏ । ତେବେ ଖାଦ୍ୟକୁ ଠିକ୍ ଭାବରେ ବ୍ୟବହାର କରିବା ସହ ଅନାହାର ଜନିତ ମୃତ୍ୟୁ ସଂଖ୍ୟାକୁ କମେଇବା ପାଇଁ ଅକ୍ଟୋବର ମାସ ୧୬ ତାରିଖ ଦିନ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଏ । ଏହି ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏହି ଦିବସଟି ପାଳନ କରାଯାଇଥିଲା । ଖାଦ୍ୟର ସଦୁପଯୋଗ କରିବା ସହ ବଳକା ଖାଦ୍ୟକୁ ନଷ୍ଟ ନ କରି କୌଣସି ବି ଭୋକିଲା ଲୋକଙ୍କ ପାଟିରେ ଦେଲେ, ତା ଠାରୁ ଅଧିକ ମହାନ୍ କାର୍ଯ୍ୟ କିଛି ହୋଇପାରେ ନାହିଁ ବୋଲି ନିଜ ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ଚାଷୀମାନଙ୍କୁ ଜଣାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଏବଂ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

## ସାର ପ୍ରୟୋଗ ସଚେତନତା କାର୍ଯ୍ୟକ୍ରମ



ରା. ଉଦୟଗିରି ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଗଜପତି ଦ୍ୱାରା ଜିଲ୍ଲାସ୍ତରୀୟ ସାର ପ୍ରୟୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଣାଳୟର ନିର୍ଦ୍ଦେଶକ୍ରମେ ସାରା ଭାରତ ବର୍ଷରେ ଥିବା ୭୦୫ଟି କୃଷି ବିଜ୍ଞାନ କେନ୍ଦ୍ର ଗୁଡିକରେ ଜାତୀୟ ସ୍ତରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜଳଛାୟା ଓ ମୃତ୍ତିକା ସଂରକ୍ଷଣ ବିଭାଗର ଉପ ନିର୍ଦ୍ଦେଶକ ଶ୍ରୀ ସୁଦର୍ଶନ ଦିକ୍ଷିତ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାଟିର ସ୍ୱାସ୍ଥ୍ୟ, ମାଟି ପରୀକ୍ଷା ଓ ମୃତ୍ତିକା ସଂରକ୍ଷଣ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟାନ୍ୟ ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦିଲ୍ଲୀପ କୁମାର ପଟ୍ଟନାୟକ, ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ଶ୍ରୀ ମନୋଜ କୁମାର ପାତ୍ର, ନାବାର୍ଡର ଏଜିଏମ୍ ଶ୍ରୀ ସୁଦ୍ୟୁମ୍ନ ପାଲ, ଏଲ୍.ଡି.ଏମ୍ ଶ୍ରୀ କିଶୋର ଚନ୍ଦ୍ର ନାୟକ ତଥା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ସଂଗ୍ରାମ ପରମଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ ଏନ୍‌ଜିଓର ପ୍ରତିନିଧି ଗଣ ତଥା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ କର୍ମକର୍ତ୍ତାବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲାର ବିଭିନ୍ନ ଗ୍ରାମରୁ ୨୫୦ ଜଣ କୃଷକ ଭାଇ ଓ ଭଉଣୀ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମାଟି ପରୀକ୍ଷା ଫଳ ଅନୁସାରେ ସମନ୍ୱିତ ଓ ନିୟନ୍ତ୍ରିତ ସାର ତଥା କମ୍ପୋଷ୍ଟର ବ୍ୟବହାର ଇତ୍ୟାଦି ଦ୍ୱାରା ମାଟିର ସ୍ୱାସ୍ଥ୍ୟ ସଂରକ୍ଷଣ ଏବଂ ଲାଭଜନକ ଫସଲ ଉତ୍ପାଦନ ବିଷୟରେ ଏହି କାର୍ଯ୍ୟକ୍ରମରେ କୃଷକ ଭାଇ ଓ ଭଉଣୀମାନଙ୍କୁ ସଚେତନ କରାଯାଇଥିଲା । କେନ୍ଦ୍ରୀୟ କୃଷି ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ସିଂ ତୋମରଙ୍କର ଅଭିଭାଷଣ ଓ ସମ୍ବୋଧନକୁ ଡି. ଡି. କିଷାନ ଚ୍ୟାନେଲ ମାଧ୍ୟମରେ ଚାଷୀ ଭାଇ ଭଉଣୀଙ୍କୁ ସିଧା ପ୍ରସାରଣ ମାଧ୍ୟମରେ ଦେଖାଯାଇଥିଲା ।

## ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ

ରା. ଉଦୟଗିରି ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଚଳିତ ବର୍ଷ ୨୮ ଅକ୍ଟୋବର ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଭିଜିଲାନ୍ସ ବା ଜାଗୃକତା ସଚେତନତା ସପ୍ତାହ ବିଭିନ୍ନ ଅନୁଷ୍ଠାନରେ ପାଳନ କରାଯାଉଛି । ଏହି ଅବସରରେ ସାଧୁତା ବା ସଚ୍ଚୋଟତା - ଏକ ଜୀବନ ଶୈଳୀ ଶୀର୍ଷକ ବିଷୟରେ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା, ବୈଜ୍ଞାନିକ ଗଣ ସଚ୍ଚୋଟତା ଶପଥ ଗ୍ରହଣ କରିଥିଲେ । ଏହି ସପ୍ତାହ ପାଳନ ଅବସରରେ ଚାନ୍ଦିପୁଟସ୍ଥିତ ଇନ୍ଦିରା ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା କଲେଜରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପୋଷ୍ଟର ଅଙ୍କନ, ପ୍ରବନ୍ଧ ଏବଂ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଶ୍ରୀ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ଶ୍ରୀ ରମଣୀୟ ଆଚାର୍ଯ୍ୟ, ଶ୍ରୀ ଅନୀଲ କୁମାର ପଟ୍ଟନାୟକ, ଅଧ୍ୟାପିକା ସାଗରିକା ରାଉତ, ଅର୍ଚ୍ଚନା ରାଇକା, ଅନୁସୂୟା ପଲାଇ, ତରୁଣ କୁମାର ବଡମୁଣ୍ଡି, କୃଷ୍ଣଚନ୍ଦ୍ର ପୂଜାରୀ, ପ୍ରଦୀପ କୁମାର ପାଣିଗ୍ରାହୀ, କଲ୍ୟାଣ ବାବରା ତଥା କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ସଂଗ୍ରାମ ପରମଗୁରୁ ଏବଂ ଅନ୍ୟାନ୍ୟ ବୈଜ୍ଞାନିକ ଶ୍ରୀ ସଞ୍ଜୀବ ମାଣ୍ଡି, ରଶ୍ମିତା ଟପ୍ପୋ ଓ ଶ୍ରୀ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ । ଶେଷରେ କୃଷି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।



# ରାଷ୍ଟ୍ରୀୟ ଏକତା ଦିବସ ପାଳନ




ରା. ଉଦୟଗିରି ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଅକ୍ଟୋବର ୩୧ ତାରିଖ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଭାରତ ସରକାରଙ୍କ ନିର୍ଦ୍ଦେଶରେ ରା. ଉଦୟଗିରି ବ୍ଲକର ଶିଆଳିଲଟି ଗ୍ରାମ ତଥା ରା. ଉଦୟଗିରି ଉପକାରାଗରର ଅନ୍ତେବାସୀ ଏବଂ କର୍ମଚାରୀଙ୍କ ଗହଣରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି । ଏହି ଅବସରରେ ଶିଆଳିଲଟି ଗ୍ରାମର ଗ୍ରାମବାସୀବୃନ୍ଦ, ସୁରକ୍ଷା (ଏନ୍‌ଜିଓ)ର କର୍ମକର୍ତ୍ତା ତଥା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ସଂଗ୍ରାମ ପରମଗୁରୁ ଓ ବୈଜ୍ଞାନିକ ଶ୍ରୀ ସଞ୍ଜୀବ ମାଣ୍ଡି ପ୍ରଭୃତି ଉପସ୍ଥିତ ଥିଲେ । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନରେ ଜାତୀୟ ଏକତା ତଥା ଦେଶର ଅଖଣ୍ଡତା ପାଇଁ ଯେଉଁ ସ୍ୱପ୍ନ ଥିଲା ତାହାକୁ କିପରି ବର୍ତ୍ତମାନ ଓ ଭବିଷ୍ୟତରେ ଆମେ ବଜାଇ ରଖିବା ସେ ବିଷୟରେ ସଚେତନ କରାଯାଇଥିଲା । ରା. ଉଦୟଗିରିର ଉପକାରାଗାରରେ ମଧ ଅନ୍ତେବାସୀମାନଙ୍କ ସହିତ ଗ୍ରାମବାସୀ ତଥା ସମସ୍ତ କର୍ମକର୍ତ୍ତା, କର୍ମଚାରୀ, ବୈଜ୍ଞାନିକ ଗଣ ରାଷ୍ଟ୍ରୀୟ ଏକତା ପାଇଁ ଶପଥ ଗ୍ରହଣ କରିଥିଲେ ।

# ପଦଚାଳିତ ମାଣ୍ଡିଆ ଓ ମକା ଛଡା ଯନ୍ତ୍ରର ସଫଳ କ୍ଷେତ୍ର ପ୍ରଦର୍ଶନ




ରା. ଉଦୟଗିରି, ୦୪.୧୧.୨୦୧୯, କୃଷି ବିଜ୍ଞାନ କେନ୍ଦ୍ର ଗଜପତି ଏବଂ ସର୍ବ ଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ, (କୃଷି ଶ୍ରମ ବିଜ୍ଞାନ ଓ ସୁରକ୍ଷା) ଓୟୁଏଟିର ମିଳିତ ପ୍ରୟାସରେ ଗଜପତି ଜିଲ୍ଲାର ରା.ଉଦୟଗିରି ବ୍ଲକ୍‌ର ସବରପଲ୍ଲୀ ପଞ୍ଚାୟତର ଅନୁକମ୍ପା ଗ୍ରାମରେ ପଦଚାଳିତ ମକା ଏବଂ ମାଣ୍ଡିଆ ଛଡା ଯନ୍ତ୍ରର ସଫଳ କ୍ଷେତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓୟୁଏଟିର ସର୍ବ ଭାରତୀୟ ଗବେଷଣା ପ୍ରକଳ୍ପ (କୃଷି ଶ୍ରମ ବିଜ୍ଞାନ ଓ ସୁରକ୍ଷା)ର ଉପମୁଖ୍ୟ ନିରିକ୍ଷକ ପ୍ରଫେସର ଜୟ ନାରାୟଣ ମିଶ୍ର ଓ ଏହି ପ୍ରକଳ୍ପର ସହାୟକ କର୍ମଚାରୀମାନେ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡଃ. ସଂଗ୍ରାମ ପରମଗୁରୁ, କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ ଦ୍ୱାରିକା ମୋହନ ଦାସ ଏବଂ ଉଦ୍ୟାନ କୃଷି ବୈଜ୍ଞାନିକ ସୁଶ୍ରୀ ରଶ୍ମିତା ଟପ୍ପୋ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏହି ଆନୁକୂଲ୍ୟରେ ଅନୁକମ୍ପା ଗ୍ରାମର ଚାଷୀ ଭାଇ ଓ ଭଉଣୀମାନଙ୍କୁ ପଦଚାଳିତ ମକା ଓ ମାଣ୍ଡିଆ ଯନ୍ତ୍ରର ବ୍ୟବହାର ଓ ଉପକାରିତା ସମ୍ବନ୍ଧରେ ଅବଗତ କରାଯାଇଥିଲା । ଗ୍ରାମର ଚାଷୀ ଭାଇ ଓ ଭଉଣୀମାନେ ନିଜ ନିଜର ମାଣ୍ଡିଆ ଓ ମକା ଏହି ଯନ୍ତ୍ର ସାହାଯ୍ୟରେ ଅମଳ କରିଥିଲେ । ଏହି ଯନ୍ତ୍ର ଗୁଡିକୁ ସରକାରୀ ରିହାତି ମାଧମରେ ଯୋଗାଇ ଦିଆଯାଇପାରିଲେ ଗଜପତି ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନେ ବିଶେଷ ଭାବରେ ଉପକୃତ ହୋଇପାରିବେ ବୋଲି ସର୍ବ ସାଧାରଣରେ ମତ ପ୍ରକାଶ ପାଇଛି ।

# କୃଷି ଶିକ୍ଷା ଦିବସ ପାଳନ




କୃଷିକୁ ଏକ ଧନ୍ଦାମୂଳକ ବିଷୟ ରୂପେ ବର୍ତ୍ତମାନ ସମସ୍ତ ସରକାରୀ ବିଦ୍ୟାଳୟ ମାନଙ୍କରେ ପଢାଇବାକୁ ଶିକ୍ଷା ବିଭାଗ ତରଫରୁ ନିର୍ଦ୍ଦେଶନାମା ଜାରୀ କରାଯାଇଛି । ପୂର୍ବ ସମୟରେ ଚାଷ କାର୍ଯ୍ୟକୁ କୌଣସି ବି ଶିକ୍ଷିତ ବ୍ୟକ୍ତି ଆପଣେଇବାକୁ ଚାହୁଁ ନଥିଲେ । ସମସ୍ତଙ୍କ ମତରେ ପାଠପଢି ସରକାରୀ କିମ୍ବା ବେସରକାରୀ ସଂସ୍ଥା ମାନଙ୍କରେ କାମ କରି ସହରାଞ୍ଚଳକୁ ଗମନ କରିବା ପାଇଁ ଇଚ୍ଛୁକ ପ୍ରକାଶ କରୁଥିଲେ । ମାତ୍ର ବର୍ତ୍ତମାନ ସମୟରେ କୃଷି କ୍ଷେତ୍ରରେ ବିଭିନ୍ନ ପ୍ରକାରର ଆଧୁନିକରଣର ଆବିଷ୍କାର ଯୋଗୁଁ ତଥା ନୂତନ ବୈଜ୍ଞାନିକ ପ୍ରଣାଳୀରେ ଚାଷରୁ ମଧ ଯଥେଷ୍ଟ ଅର୍ଥ ଅର୍ଜନ କରିବା ସହ ସମଗ୍ର ଦେଶବାସୀଙ୍କୁ ଖାଦ୍ୟ ଯୋଗାଇବା ପରି କାର୍ଯ୍ୟ କରାଯାଇ ପାରୁଛି । କୃଷିର ମହତ୍ତ୍ୱ ବିଦ୍ୟାର୍ଥୀମାନଙ୍କୁ ଜଣାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚାନ୍ଦିପୁଟସ୍ଥିତ ଇନ୍ଦିରା ସ୍ମୃତି ବିଦ୍ୟାଳୟରେ ଡିସେମ୍ବର ୩ ତାରିଖ ଦିନ କୃଷି ଶିକ୍ଷା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଦ୍ୟାର୍ଥୀଗଣ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ କୃଷି ବୈଜ୍ଞାନିକ ଡଃ ରଶ୍ମିତା ଟପ୍ପୋ ଏବଂ କୃଷିଯନ୍ତ୍ରୀ ବୈଜ୍ଞାନିକ ଇଂ ଦ୍ୱାରିକା ମୋହନ ଦାସ କୃଷି କାର୍ଯ୍ୟର ମହତ୍ତ୍ୱ, ଏହାର ଆଧୁନିକରଣ ଏବଂ ବିଭିନ୍ନ ପ୍ରକାରର ପ୍ରଣାଳୀ ସଂପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇଥିଲେ ।

NEWS LETTER

## କୃଷିଜୀବି ମହିଳା ଦିବସ ପାଳନ



ଲିଙ୍ଗଭେଦରେ ଦେଖିଲେ କୃଷି କ୍ଷେତ୍ରକୁ ମହିଳା କର୍ମୀଙ୍କ ଅବଦାନ ଅଧିକ। ପ୍ରତି ଏକ ଶହ ପୁରୁଷ କର୍ମୀଙ୍କ ମଧ୍ୟରେ ପ୍ରାୟ ୫୨ ଜଣ ଏହି କ୍ଷେତ୍ରରେ କାର୍ଯ୍ୟରତ। କୃଷି କ୍ଷେତ୍ରରେ ଉନ୍ନତିରେ କେବଳ ଜାତୀୟ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ମୋଟା ମୋଟି ଭାବରେ କର୍ମୀ ସମାଜରେ ଉନ୍ନତି ତଥା ମହିଳା ଗୋଷ୍ଠିର ଉନ୍ନତି ମଧ୍ୟ ନିହିତ। ଗ୍ରାମାଞ୍ଚଳରେ ଅଧିକାଂଶ ମହିଳା କୃଷି କାର୍ଯ୍ୟରେ ନିୟୋଜିତ। ନିଜର ନୀରିକ୍ଷରତା, ଅନ୍ଧ ବିଶ୍ୱାସ, ଗ୍ରାମାଞ୍ଚଳ ବିକାଶର ତିନୋଟି ମୁଖ୍ୟ ଦିଗ ହେଲା ଆର୍ଥିକ, ସାମାଜିକ ଓ ରାଜନୈତିକ। ଏମାନଙ୍କ ଭିତରୁ ଆର୍ଥିକ ବିକାଶରେ ମହିଳାମାନଙ୍କର ଅବଦାନ ସର୍ବାଧିକ। ଗଜପତି ଜିଲ୍ଲା ଏକ ଆଦିବାସୀ ବହୁତ ଅଞ୍ଚଳ ଯେଉଁଥିରେ କି ପୁରୁଷଙ୍କ ଅପେକ୍ଷା ମହିଳାମାନେ ଦୁଇଗୁଣରୁ ଅଧିକ କାମ କରିଥାନ୍ତି। ତେଣୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ମହିଳା କୃଷି ଦିବସ ଡିସେମ୍ବର ୪ ତାରିଖରେ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରା. ଉଦୟଗିରି, ନୂଆଗଡ ଏବଂ ମୋହନା ବ୍ଲକର ବିଭିନ୍ନ ଗ୍ରାମରୁ ମହିଳା ଚାଷୀ ତଥା ଉଦ୍ୟାନ ବିଭାଗର ମୁଖ୍ୟ ନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, ନୂଆଗଡ ବ୍ଲକର ଉଦ୍ୟାନ ବିଭାଗର ସହକାରୀ ଉଦ୍ୟାନ ଅଧିକାରୀ ସମେତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହିଳା ମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ଆବଶ୍ୟକତା, କନ୍ୟା ସନ୍ତାନର ମହତ୍ତ୍ୱ, ମହିଳାଙ୍କ ଉପଯୋଗୀ କୃଷି ପ୍ରଣାଳୀ ସଂପର୍କରେ ଆଲୋଚନା କରାଯାଇଥିଲା।

## ବିଶ୍ୱ ମୃତ୍ତିକା ଦିବସ ପାଳନ

ସମସ୍ତ କୃଷି କାର୍ଯ୍ୟ ମୂଳରେ ମାଟି। ମାଟି ଉର୍ବର ଥିଲେ ଫସଲ ଭଲ ହୁଏ। ନଚେତ ଯେତେ ପରିଶ୍ରମ କଲେ ବି ମାଟିର ମାନ ଠିକ୍ ନଥିଲେ ଫସଲ ଭଲ ହୁଏ ନାହିଁ। ବର୍ତ୍ତମାନ ସମୟରେ କମ୍ ପରିଶ୍ରମରେ ଅଧିକ ଅମଳ ପାଇବା ଲୋଭରେ ଚାଷୀମାନେ ରସାୟନିକ ସାରର ବ୍ୟବହାର କରିବା ଫଳରେ ମାଟିର ମାନ ଧିରେ ଧିରେ କମି ଯାଉଛି। କିଛି ବର୍ଷ ଯାଏ ଅମଳ ଭଲ ମିଳୁଛି ସତ, ମାତ୍ର ତା ପରେ ସେହି ମାଟିରେ ଘାସ ଟିଏ ବି ବଢ଼ିବା ସଂଭବ ହୋଇ ପାରୁନାହିଁ। ମାଟିର ମହତ୍ତ୍ୱ, ତାର ରକ୍ଷଣା ବେକ୍ଷଣ ସଂପର୍କରେ ଚାଷୀମାନଙ୍କୁ ଅବଗତ କରାଇବା ପାଇଁ ଚଳିତ ବର୍ଷ ଡିସେମ୍ବର ୫ ତାରିଖ ଦିନ ପାରଳାଖେମୁଣ୍ଡି ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୃତ୍ତିକା ଏବଂ ଜଳ ସଂରକ୍ଷଣ ବିଭାଗର ମୁଖ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ ବିଭାଗର ମୁଖ୍ୟ ନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ କୃଷି ବୈଜ୍ଞାନିକ, କୃଷି ଯନ୍ତ୍ରୀ ବୈଜ୍ଞାନିକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମାଟିର ମାନକୁ ରକ୍ଷା କରିବା ପାଇଁ ମାଟି ପରୀକ୍ଷା କରି ସାରର ପ୍ରୟୋଗ କରିବା, ଜଙ୍ଗଲ କ୍ଷୟ ନ କରିବା, ଜୈବିକ ସାରର ବ୍ୟବହାରକୁ ଗୁରୁତ୍ୱ ଦେବା ଭଳି କାର୍ଯ୍ୟକୁ ମହତ୍ତ୍ୱ




ଦେବା ପାଇଁ ଅତିଥିମାନେ ନିଜ ନିଜ ଅଭିଭାଷଣରେ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଶେଷରେ Soil Health Card ବଣ୍ଟନ କରାଯାଇଥିଲା।

## ଜୟ କିଷାନ ଜୟ ବିଜ୍ଞାନ ସପ୍ତାହ ପାଳନ

ରା. ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚଳିତ ବର୍ଷ ଡିସେମ୍ବର ୨୪ ତାରିଖ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜୟ କିଷାନ ଜୟ ବିଜ୍ଞାନ ଦିବସ ପାଳନ କରାଯାଇଥିଲା। ବର୍ତ୍ତମାନ ସମୟରେ ସମସ୍ତ କ୍ଷେତ୍ରରେ ଆଧୁନିକରଣ ହେବାରେ ଲାଗିଛି। ନୂତନ ଯନ୍ତ୍ରପାତିର ଆର୍ବିଭାବ ଯୋଗୁଁ କୃଷି କ୍ଷେତ୍ରରେ ମଧ୍ୟ କୃଷି ଭାଇ ଭଉଣୀମାନଙ୍କର ଶ୍ରମ ଲାଘବ ହୋଇପାରିଛି। ଲଙ୍ଗଳ ବଦଳରେ ଟ୍ରାକ୍ଟର, ଜଳ ସଂରକ୍ଷଣ କରିବା ପାଇଁ ବୃନ୍ଦା ଜଳସେଚନର ବ୍ୟବହାର, ବିଭିନ୍ନ ପ୍ରକାରର ଅମଳ ଯନ୍ତ୍ରରେ ବ୍ୟବହାର ଯୋଗୁଁ କମ୍ ସମୟରେ ଚାଷୀ ଅଧିକ ଆୟ ପାଇ ପାରୁଛି। ଏହି ସବୁର ବାର୍ତ୍ତା ଚାଷୀ ନିକଟରେ ପହଞ୍ଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ରଠାରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ ଦ୍ୱାରିକା ମୋହନ ଦାସ କୃଷି ବିଜ୍ଞାନ କେନ୍ଦ୍ରରେ ଥିବା ବୃନ୍ଦା ଜଳସେଚନ ସଂପର୍କରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବୁଝାଇ ଥିଲେ।

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ରା.ଉଦୟଗିରି, ଗଜପତି, ମୁଖ୍ୟ ସଂପାଦକ : ଡଃ. ସଂଗ୍ରାମ ପରମଗୁରୁ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ)
ସମ୍ପାଦନା ମଣ୍ଡଳୀ : ସୁଶ୍ରୀ ରଶ୍ମିତା ଟପ୍ପୋ, ବୈଜ୍ଞାନିକ (ଉଦ୍ୟାନ କୃଷି), ଇଂ. ଦ୍ୱାରିକା ମୋହନ ଦାସ, ବୈଜ୍ଞାନିକ (କୃଷି ଯନ୍ତ୍ରପାତି)
ଶ୍ରୀ ସଂଜୀବ କୁମାର ମାଣ୍ଡି, ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ), ଶ୍ରୀ ମନୋଜ କୁମାର ସାହୁ, କାର୍ଯ୍ୟକ୍ରମ ସହାୟକ (କମ୍ପ୍ୟୁଟର),
ସୁଶ୍ରୀ ମମତା ମାହାଲି (ଫାର୍ମ ମ୍ୟାନେଜର)
ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି - ୭୬୧୦୧୬, Email : kvkgajapati.ouat@gmail.com